ପ୍ରେସ୍ ନୋଟ୍

# ଜିଲ୍ଲା ସ୍ତରୀୟ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ସମ୍ମିଳନୀ ଉଦଘାଟିତ ।

## ଭଲ ପାଠ ପଢାଇ ପିଲାମାନଂକର ଭବିଷ୍ୟତ ଗଢିବାକୁ ଜିଲ୍ଲାପାଳଙ୍କ ପରାମର୍ଶ ।

ଅନୁଗୋଳ,ତା.୨୮.୬:- ଅନୁଗୋଳ ଜିଲ୍ଲାରେ ଶିକ୍ଷାର ଉନ୍ନତି ଓ ବିଦ୍ୟାଳୟ ଗୁଡିକରେ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ସ୍ଥାନୀୟ ପୌରପାଳିକା ଟାଉନ୍ ହଲ୍ ଠାରେ ୨ ଦିନିଆ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନଂକର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିବା ସହ ଭଲ ପାଠ ପଢାଇ ପିଲାମାନଂକର ଭବିଷ୍ୟତ ଗଢିବାକୁ ପରାମର୍ଶ ଦେଇଛନ୍ତି । ଦୀର୍ଘ ଦିନ ପରେ ଏହି ଭଳି ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସରକାରଂକ ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁସରଣ କରି ସେମାନଂକୁ ସଠିକ୍ ଭାବେ ଗଢି ତୋଳିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଆମ ଜିଲ୍ଲାରେ ୨୩୬ଟି ସ୍କୁଲ ମଧ୍ୟରୁ ୧୪୦ଟି ସ୍କୁଲ 5T ରେ ରୁପାନ୍ତରିତ ହୋଇଛି । ଆଗାମୀ ଦିନରେ ସମସ୍ତ ବିଦ୍ୟାଳୟକୁ ରୁପାନ୍ତରିତ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ପ୍ରଧାନ ଶିକ୍ଷକମାନେ ସ୍ମାର୍ଟ ହେଲେ ପିଲାମାନଂକୁ ଦିଗଦର୍ଶନ ଦେଇ ଶିକ୍ଷାକୁ ଆଗେଇ ନେବେ । ଶିକ୍ଷକମାଂନକ ମଧ୍ୟରେ ପ୍ରତିଭା ରହିଛି ସେହି ପ୍ରତିଭା ବଳରେ ସେମାନେ ପିଲାମାନଂକ ପାଇଁ ଉଦାହରଣ ସୃଷ୍ଟି କରିପାରିଲେ ପିଲାମାନେ ସଠିକ୍ ବାଟରେ ପରିଚାଳିତ ହେବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ବିକାଶ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏହି ସମ୍ମିଳନୀ ଅୟୋଜନ କରିବାର ପ୍ରୟାସକୁ ପ୍ରଶଂସା କରିଥିଲେ । ଦୀର୍ଘ ୨୦ ବର୍ଷ ପରେ ଏହିପରି ଏକ ସମ୍ମିଳନୀ ସମସ୍ତଂକ ମନରେ ଉତ୍କଣ୍ଠା ଆଣି ଦେଇଛି । ପ୍ରଧାନ ଶିକ୍ଷକମାନେ କିପରି ପାଠ ପଢାଉଛନ୍ତି ଓ ସ୍କୁଲର ଉନ୍ନତି ନିମନ୍ତେ ସଠିକ୍ ପରିଚାଳନା କରୁଛନ୍ତି ତାର କଡାକଡି ତଦାରଖ କରାଯାଉଛି । ଶିକ୍ଷକ ହିସାବରେ ଶୃଙ୍ଖଳିତ ଭାବେ ନିଜ ନିଜ ମଧ୍ୟରେ ଭାବର ବିନିମୟ କରି ବିଭାଗର ଲକ୍ଷ୍ୟ ହାସଲ କରିବାକୁ ପଡିବ ବୋଲି ସେ ପରାମର୍ଶ ଦେଇଥିଲେ । ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ ଅଜୟ କୁମାର ବାରିକ ଓ ଶ୍ରୀମତୀ ପ୍ରତିଭା ବାରିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସମ୍ମିଳନୀରେ ନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଂଜନ ସାହୁ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ସମ୍ମିଳନୀ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଇଛାପୁର ଅନ୍ତର୍ଗତ ହୃଷିକେଶ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଂଜଳି ପ୍ରିୟା ପ୍ରଧାନ ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଲକ୍ଷଣ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା-୩୫୭ ତା. ୨୮.୦୬. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ




DISTRICT LEVEL
HEADTEACHERS' CONFERENCE
DATE : 28.06.2022 & 29.06.2022
VENUE : MUNICIPALITY TOWN HALL
ORGANISED BY : DISTRICT EDUCA